# ଡିଡବ୍ଲ୍ୟୁଓଙ୍କ ନାଁରେ ଅର୍ଥ ହଡ଼ପ ଅଭିଯୋଗ

## ବିଭାଗୀୟ ନିର୍ଦ୍ଦେଶିକାଙ୍କୁ ଭେଟିଲା ଲାଞ୍ଜିଆ ସଉରା ସମ୍ପ୍ରଦାୟ

ରାୟଗଡ଼ା,୧୨।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ବିରୋଧରେ ଜିଲାପାଳ ପାରୁଲ ପଟୱାରି ଗତ ୨୮ ତାରିଖରେ ଦାୟିତ୍ୱରୁ ମୁକ୍ତ କରିଥିବା ନିର୍ଦ୍ଦେଶନାମାକୁ ହାଇକୋର୍ଟ ଖାରଜ କରିଥିବାବେଳେ ଏବେ ଅସୀମାଙ୍କ ନାମରେ ଆଉ ଏକ ଅଭିଯୋଗ ଯୋଡ଼ିହୋଇଛି। ଗୁଣପୁର ବ୍ଲକ୍ ପୁଟାସିଂସ୍ଥିତ ଆଦିମ ଅଧିବାସୀ ଲାଞ୍ଜିଆ ସଉରାଙ୍କ ଉନ୍ନତି ଓ ବିକାଶ ପାଇଁ ରହିଥିବା ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥାରେ ସ୍ୱତନ୍ତ୍ର ଅଧିକାରୀ ଦାୟିତ୍ୱରେ ରହିଥିବା ସମୟରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିବା ଏବଂ ସରକାରୀ ଯୋଜନାକୁ ବାଟମାରଣା କରିବା ନେଇ ଆଦିମ ଅଧିବାସୀ ଲାଞ୍ଜିଆ ସଉରା ସମ୍ପ୍ରଦାୟ ଅଭିଯୋଗ କରିଛି । ଏ ନେଇ ସମ୍ପ୍ରଦାୟ ପକ୍ଷରୁ ବୁଧବାର ଜନଜାତି କଲ୍ୟାଣ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ପୋମା ଟୁଡୁଙ୍କ ରାୟଗଡ଼ା ଗସ୍ତବେଳେ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋମା ଟୁଡୁ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଲାଞ୍ଜିଆ ସଉରା ସମ୍ପ୍ରଦାୟର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି ନ୍ୟାୟ ଦାବି କରିଛନ୍ତି।



ଲାଞ୍ଜିଆ ସଉରା ଯୁବକ ପୈତନ ଗମାଙ୍ଗ ନିର୍ଦ୍ଦେଶିକା ପୋମା ଟୁଡୁଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ।

ଅସୀମା ଏଲ୍ଏସ୍ଡିଏରେ ସ୍ୱତନ୍ତ୍ର ଅଧିକାରୀ ଦାୟିତ୍ୱରେ ରହିଥିବାବେଳେ ବେଆଇନ କାର୍ଯ୍ୟକଳାପ, ସରକାରୀ ପାଣ୍ଠିର ଅପବ୍ୟବହାର ଏବଂ ଲାଞ୍ଜିଆ ସଉରାଙ୍କ ଉପରେ ଅତ୍ୟାଚାର ହେଉଥିବା ନେଇ ଅଭିଯୋଗ ହୋଇଛି । ଲାଞ୍ଜିଆ ସଉରାଙ୍କ ଚିତ୍ରକଳା ଇଡିତାଲ ପେଣ୍ଟିଂ ଲଗାଇବା ପାଇଁ କୌଣସି ଟେଣ୍ଡର ପ୍ରକ୍ରିୟା ନ କରି ବେଆଇନ ଭାବେ ଅତ୍ୟଧିକ ସରକାରୀ ଅର୍ଥ ଖର୍ଚ୍ଚ ଦେଖାଇ ଅର୍ଥ ଆତ୍ମସାତ୍ କରିବା, ବଳପୂର୍ବକ ଲୋକଙ୍କ ଘରେ ତାହା ଲଗାଇବା, ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆସିଥିବା ଲାଞ୍ଜିଆ ସଉରାଙ୍କୁ ଅମାନବିକ ବ୍ୟବହାର କରିବା, ବାକ୍ ନିର୍ଯାତନା ଦେବା, ଧମକଦେବା ଆଦି ଅଭିଯୋଗ ହୋଇଛି । ସେହିଭଳି ଏଲ୍ଏସ୍ଡିଏ ପୁଟାସିଂରେ କାର୍ଯ୍ୟାଳୟରେ କାର୍ଯ୍ୟରତ ମୃତ କର୍ମଚାରୀଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ କାର୍ଯ୍ୟରୁ ବାହାର କରିବା, ଲାଞ୍ଜିଆ ସଉରା ସମ୍ପ୍ରଦାୟର କଲ୍ୟାଣ ଓ ବିକାଶ ପାଇଁ ଉଦ୍ଦିଷ୍ଟ ସରକାର ପାଣ୍ଠି ଏବଂ ଓପିଇଏଲ୍ଆଇପି ଯୋଜନାରେ ଅନିୟମିତତା କରିବା, ସରକାରୀ ପାଣ୍ଠିକୁ ବ୍ୟକ୍ତିଗତ ଓ ଅନଧିକୃତ ଖର୍ଚ୍ଚ ପାଇଁ ବ୍ୟବହାର କରିବା, କାର୍ଯ୍ୟାଳୟର ଜଣେ ହିସାବ ରକ୍ଷକଙ୍କ ସହ ମିଶି ପ୍ରକଳ୍ପ ପରିଚାଳକଙ୍କ ଜାଲ୍ ଦସ୍ତଖତକରି ବିଭିନ୍ନ ଯୋଜନାର ଲକ୍ଷାଧିକ ଟଙ୍କା ଅର୍ଥ ବାଟମାରଣା କରିବା, ଜଳଯୋଗାଣ ଓ ରାସ୍ତା ନିର୍ମାଣ କାର୍ଯ୍ୟରେ ପୂର୍ବ କାମକୁ ଦେଖାଇ ନାମ ପରିବର୍ତ୍ତନକରି ଅର୍ଥ ଆତ୍ମସାତ୍ କରିବା, ପିଏମ୍-ଜନମନ ଯୋଜନାରେ ମନଇଚ୍ଛା ହିତାଧିକାରୀ ଚୟନ କରିବା ଆଦି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ତେଣୁ ଏହି ଅଭିଯୋଗର ତଦନ୍ତକରି ଲାଞ୍ଜିଆ ସଉରାଙ୍କୁ ସେମାନଙ୍କ ଅଧିକାର ଫେରାଇବାକୁ ଦାବି ହୋଇଛି । ଦାବିପତ୍ର ପ୍ରଦାନ ସମୟରେ ପୈତନ ଗମାଙ୍ଗ, ମାଝି ଦଳବେହେରା, ଯୋସେଫ ଗମାଙ୍ଗ ଓ ଶତାଧିକ ଲାଞ୍ଜିଆ ସଉରା ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଏହି ଅଭିଯୋଗ ସମ୍ପର୍କରେ ଜିଲାପାଳ ପଟୱାରିଙ୍କୁ ପଚାରିବାରୁ ବିଭାଗୀୟ ନିର୍ଦ୍ଦେଶିକା ଟୁଡୁଙ୍କ ନିକଟରେ ଲୋକେ ଅଭିଯୋଗ କରିଛନ୍ତି ଏବଂ ନିର୍ଦ୍ଦେଶିକା ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ତେବେ ଅଭିଯୋଗପତ୍ରର ଏକ ନକଲ ସେ ମଧ୍ୟ ପାଇଛନ୍ତି ଏବଂ ବିଭାଗକୁ ଅବଗତ କରାଇବା ପରେ ଯଦି ତଦନ୍ତ ପାଇଁ ନିର୍ଦ୍ଦେଶ ମିଳେ ତେବେ ତଦନ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏ ସମ୍ପର୍କରେ ଏଲ୍ଏସ୍ଡିଏ ପୂର୍ବତନ ସ୍ୱତନ୍ତ୍ର ଅଧିକାରୀ ତଥା ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ଏହି ଅଭିଯୋଗ ସମ୍ପୂର୍ଣ୍ଣ ପ୍ରାୟୋଜିତ ଏବଂ କେହି ନିଜ ସ୍ୱାର୍ଥ ସାଧନ ପାଇଁ ଏଭଳି କରୁଛନ୍ତି ବୋଲି କହିଛନ୍ତି। ଏଲ୍ଏସ୍ଡିଏରେ ଦେଢ଼ ବର୍ଷ କାର୍ଯ୍ୟକାଳ ମଧ୍ୟରେ ବିଭିନ୍ନ ମନ୍ତ୍ରୀ, ପଦାଧିକାରୀ ଅଞ୍ଚଳ ଗସ୍ତ କରି କାମ ଦେଖି ଖୁସି ପ୍ରକଟ କରିଥିଲେ । ହେଲେ ଏବେ ଏହିଭଳି ଅଭିଯୋଗ ଆସୁଛି । ଲାଞ୍ଜିଆ ସଉରା ସମ୍ପ୍ରଦାୟର ନିରୀହ ଲୋକଙ୍କୁ ଭୁଆଁବୁଲାଇ ଏଭଳି ଶିଖାଇ ଆଣି ଅଭିଯୋଗ କରାଯାଇଛି ବୋଲି ଅସୀମା କହିଛନ୍ତି। ତେବେ ସେ ବୁଧବାର ରାୟଗଡ଼ାଠାରେ ପୁନଃ କାର୍ଯ୍ୟରେ ଯୋଗଦେଇଥିବା ମଧ୍ୟ ସୂଚନା ଦେଇଛନ୍ତି।

# ଆଜି ବନ୍ଦ ପାଳନ ପାଇଁ ମାଓବାଦୀଙ୍କ ପ୍ରେସ୍ ବିଜ୍ଞପ୍ତି

## ୧୬ ମାଓବାଦୀଙ୍କୁ ହତ୍ୟା ଘଟଣାର ପ୍ରତିବାଦ

ରାୟଗଡ଼ା,୧୨।୨ (ଆଶିଷ ରଞ୍ଜନ ପଣ୍ଡା)

ଗୁରୁବାର ୨୪ ଘଣ୍ଟିଆ ବନ୍ଦ ପାଳନ ପାଇଁ ସିପିଆଇ (ମାଓବାଦୀ) ସଂଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଛତିଶଗଡ଼ ଗରିଆବନ୍ଧ ଜିଲା କୁଲାରିଘାଟ ଜଙ୍ଗଲରେ ୧୬ ମାଓବାଦୀଙ୍କୁ ବୀଭତ୍ସ ହତ୍ୟା ଘଟଣାକୁ ନିନ୍ଦା କରାଯାଇଥିବା ହସ୍ତଗତ ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ସିପିଆଇ(ମାଓବାଦୀ) ସଂଗଠନର ପ୍ରବକ୍ତା ଚକରା ଓଡ଼ିଶା ରାଜ୍ୟ କମିଟି ବୋଲି ଦର୍ଶାଯାଇଛି। 'ଅପରେଶନ କାରାଗାର' ନାମରେ ଦଣ୍ଡକାରଣ୍ୟ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାର କ୍ରାନ୍ତିକାରୀ ଆନ୍ଦୋଳନ ଉପରେ ଚଳାଯାଉଥିବା ବର୍ବର ଫାସିବାଦୀ ରାଷ୍ଟ୍ର ଦମନ ଓ ନିରୀହ ଆଦିବାସୀଙ୍କ ସଂହାର କରାଯାଇଛି ବୋଲି ଉଲ୍ଲେଖ ରହିଛି। ଜାନୁଆରୀ ସୁଦ୍ଧା ୩୩୫ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୦ରୁ ଅଧିକ ଗ୍ରାମୀଣ ଆଦିବାସୀ ଅଛନ୍ତି। ପ୍ରତି ଏନ୍କାଉଣ୍ଟର ପୋଲିସର ବଡ଼ ସଫଳତା ବୋଲି ଦର୍ଶାଯାଇଛି। ଏଣୁ ଏହା ବିରୋଧରେ ଫେବୃଆରୀ ୧୩କୁ ୨୪ ଘଣ୍ଟିଆ ଓଡ଼ିଶା ଓ ପୂର୍ବ ଛତିଶଗଡ଼ ବନ୍ଦ ସଫଳ କରିବାକୁ ନିବେଦନ କରିଛନ୍ତି ଚକରା। ଦେଶର ବଡ଼ କର୍ପୋରେଟର କମ୍ପାନୀଙ୍କ ମନମୁଖି ଲୁଟ୍ର ସ୍ୱାର୍ଥରେ ବିକଶିତ ଭାରତ ନାମରେ ୨୦୪୭ ସୁଦ୍ଧା ଭିନ ଲକ୍ଷ୍ୟ ରଖିଛି ଭାଜପା। ଘରୋଇକରଣ ନାମରେ ଦେଶର ପ୍ରାକୃତିକ ସମ୍ପଦ, ଶିଳ୍ପକୁ କଉଡ଼ି ମୂଲ୍ୟରେ ପ୍ରଦାନ କରାଯାଉଛି ବୋଲି ପ୍ରେସ୍ ବିଜ୍ଞପ୍ତି ଉଲ୍ଲେଖ ଅଛି। ତେବେ ଏ ସମ୍ପର୍କରେ ପୋଲିସ ପ୍ରତିକ୍ରିୟା ମିଳିପାରିନାହିଁ।



ସଂଘ-ଭାଜପା ର ନରେନ୍ଦ୍ର ମୋଦି, ବିଷ୍ଣୁଦେବ ସାଏ, ମୋହନ ମାଝି ଆଦି ସରକାରଙ୍କ ଦ୍ୱାରା ଚଳାଯାଉଥିବା ଆକ୍ରମଣ," ଅପରେସନ କଗାର "ଓ କୁଲ୍ହାଡି ଘାଟି ନରସଂହାର ବିରୋଧରେ

2025 ଫେବୃୟାରୀ 13 ଓଡିଶା ବନ୍ଦ କୁ ସଫଳ କରନ୍ତୁ।

ପ୍ରିୟ ଜନତା,

ମାଓବାଦୀ ଜାରି କରିଥିବା ପ୍ରେସ୍ ବିଜ୍ଞପ୍ତି।

# ସରସ୍ୱତୀଙ୍କ ଭସାଣି, ନଗର କୀର୍ତ୍ତନ

ପଦ୍ମପୁର, ୧୨।୨ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖମାପଦର ଗ୍ରାମବାସୀଙ୍କ ତରଫରୁ ଶ୍ରୀପଞ୍ଚମୀଠାରୁ ଚାଲିଥିବା ସରସ୍ୱତୀ ପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଭାଗବତ ଜ୍ଞାନଯଜ୍ଞ ଏବଂ ମଙ୍ଗଳବାରଠାରୁ ଚାଲିଥିବା ଅଷ୍ଟପ୍ରହରୀ ନାମଯଜ୍ଞର ଶେଷ ଦିବସରେ ଗ୍ରାମ ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରସ୍ୱତୀ ପୂଜା କମିଟି ସଭାପତି ପ୍ରଶାନ୍ତ ଦଳେଇ, ସମ୍ପାଦକ କୁରେଶ ଦାସ, ଉପସଭାପତି ଚନ୍ଦନ ବେହେରା, ନାଟକ ଗୁରୁ ସୀମାଞ୍ଚଳ କୁଣ୍ଡ, ଦୀପୁ କୈବର୍ତ୍ତ, ମନ୍ମଥ ମିଶ୍ର, ଜିତେନ୍ଦ୍ର ପାଣିଗ୍ରାହୀ, ଚିଙ୍କୁ ପାଢ଼ୀ, ବାଳକୃଷ୍ଣ ବେହେରା, ବ୍ରହ୍ମବିହାରୀ ଗୌଡ ଓ ସମସ୍ତ ସଙ୍କୀର୍ତ୍ତନ ମଣ୍ଡଳୀ ଗାୟକ ଓ ବାହକମାନେ ଯୋଗଦେଇଥିଲେ। ଗତ ୩ବର୍ଷ ଧରି ଗ୍ରାମରେ ମହା ଆଡମ୍ବର ସହକାରେ ସରସ୍ୱତୀ ପୂଜା ହେଉଥିବା ଯୋଗୁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।



ସଙ୍କୀର୍ତ୍ତନ ସହ ମା' ସରସ୍ୱତୀଙ୍କୁ ବିଦାୟ ଦିଆଯାଉଛି।

# ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ନେଇ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ବନ ଅଧିକାରୀ।

ଚନ୍ଦ୍ରପୁର, ୧୨।୨ (ବିଜୟ ପ୍ରସାଦ ଉଲ୍ଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ଅଧିନସ୍ଥ ଯୁଗାପଦର ଗ୍ରାମଠାରେ ବୁଧବାର ମୁନିଗୁଡ଼ା ବନାଞ୍ଚଳର ଡାଙ୍ଗସୋରଡା ବନ ବିଭାଗ ସେକ୍ସନ ତରଫରୁ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଗ୍ରୀଷ୍ମ ଋତୁରେ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ନେଇ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଜଙ୍ଗଲରେ ନିଆଁ ଲଗାଇବା ଏକ ଆଇନଗତ ଅପରାଧ। ତେଣୁ ଗ୍ରାମବାସୀ ଜଙ୍ଗଲରେ ନିଆଁ ଲଗାଇବାଠାରୁ ନିବୃତ୍ତ ରହିବା ନିମନ୍ତେ ଏବଂ ଜଙ୍ଗଲ ସୁରକ୍ଷା ସହ ପଶୁପକ୍ଷୀଙ୍କ ସୁରକ୍ଷା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ ଗଛ ଲଗାଇବା ନିମନ୍ତେ କୁହାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ 'ଜଙ୍ଗଲ ସୁରକ୍ଷା ଆମର ରକ୍ଷା', 'ଗଛ ବଞ୍ଚିଲେ ଆମେ ବଞ୍ଚିବା' ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ବନ ଅଧିକାରୀ, କର୍ମଚାରୀଙ୍କ ସହ ବହୁ ମହିଳା ପୁରୁଷ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ଡାଙ୍ଗସୋରଡା ସେକ୍ସନ ବନପାଳ ସୁଜାତା ସୁନାମୁଦିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଡାଙ୍ଗସୋରଡା ସରପଞ୍ଚ ଅନୀତା ଶବର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ବିଜୟ ପ୍ରସାଦ ଉଲ୍ଲାକା ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା, ପରିବେଶ ସୁରକ୍ଷା ଓ ଜଙ୍ଗଲ ନିଆଁ ନିବାରଣ ନିମନ୍ତେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ କୁନି କୁସୁଲିଆ, କସ୍ତୁରୀ ପ୍ରହରାଜଙ୍କ ସମେତ ଯୁଗାପଦର ଗ୍ରାମବାସୀଙ୍କ ସହ ନାଉଡୁଗୁଡା, ଭାଲୁଗୁଡା, କିଞ୍ଜିରିମୋଲା ଗ୍ରାମରୁ ଶତାଧିକ ଲୋକ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଗ୍ରାମର ଯୁବକଙ୍କୁ ଭଲିବଲ ଏବଂ ନେଟ୍ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ମାଘଯାତ୍ରା ଉଦ୍ଯାପିତ

ଟିକିରି, ୧୨।୨(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ହରିଜନସାହିରେ ୯ ଦିନ ଧରି ଚାଲିଥିବା ମାଘଯାତ୍ରା ବୁଧବାର ଉଦ୍ଯାପିତ ହୋଇଯାଇଛି। ଗାଁରେ ରୋଗ, ବ୍ୟାଧି ନ ବ୍ୟାପିବା ପାଇଁ ପ୍ରତି ୩ବର୍ଷକୁ ଥରେ ଏହି ଯାତ୍ରା ପାଳନ କରାଯାଇଥାଏ। ହେଲେ ଗ୍ରାମରେ ଆର୍ଥିକ ଅଭାବ କାରଣରୁ ଚଳିତ ଥର ୯ ବର୍ଷ ପରେ ମାଘଯାତ୍ରା ପାଳନ କରାଯାଉଥିବାରୁ ଭକ୍ତଙ୍କ ଭିଡ଼ ଜମିଥିଲା। ଗୋକୁଳମୁଣ୍ଡା ହାଟପଦାଠାରୁ ମା'ଙ୍କୁ ବରଣ କରାଯାଇ ଆବାହନ କରାଯାଇଥାଏ। ମା'ଙ୍କ ପାଖରେ ଖିରି, ପୁରି, ନଡିଆ, କଦଳୀ, ଲିଆମୁଆଁ ଆଦି ପୂଜା କରାଯାଇଥାଏ । ଶେଷ ଦିନରେ ମା' ସାହି ସାହି ବୁଲି ଭୋଗ ଖାଇଥାନ୍ତି। ଏହି ଅବସରରେ ଏକ ନାଟକ ପରିବେଷଣ କରାଯାଇଥିଲା । ଆଡମ୍ବର ସହକାରେ ଓ ଶାନ୍ତିଶୃଙ୍ଖଳା ସହ ଯାତ୍ରା ସମାପନ ହୋଇଥିବାରୁ ଗ୍ରାମବାସୀ ପୂଜା କମିଟିକୁ ଧନ୍ୟବାଦ ଅର୍ପଣ କରିଛନ୍ତି।



ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

# ରେଳଧାରଣା କଡ଼ରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାର ଜଗନ୍ନାଥପୁର-ଲକ୍ଷ୍ମୀପୁର ଦେଇ ଯାଇଥିବା ରେଳଧାରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହକୁ ଜିଆରପି କର୍ମଚାରୀ ଜବତ କରିଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ଏମ୍କେସିଜି ଶବ ସଂରକ୍ଷଣ ଗୃହରେ ୪ ଦିନ ଯାଏ ରଖାଯିବ ବୋଲି ପୋଲିସ କହିଛି। ରେଳଧାରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି।

# ଅଦ୍ୱିକା ଯୋଜନାରେ ସ୍ୱତନ୍ତ୍ର ଏକ୍ସପୋଜର କାର୍ଯ୍ୟକ୍ରମ

ରାୟଗଡ଼ା,୧୨।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାପାଳ ପାରୁଲ ପଟୱାରିଙ୍କ ଅନୁମୋଦନ କ୍ରମେ ଜିଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ମିଳିତ ସଂଯୋଜନାରେ ଅଦ୍ୱିକା ଯୋଜନା ମାଧ୍ୟମରେ କିଶୋରୀ କିଶୋରଙ୍କ ନିମନ୍ତେ ସ୍ୱତନ୍ତ୍ର ଏକ୍ସପୋଜର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲା ସମାଜ ମଙ୍ଗଳ ଉପ ବିଭାଗର ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ଆକ୍ସନ ଏଡ୍ ତରଫରୁ ବାଲ୍ୟବିବାହ ନିଷେଧ ଜିଲା ପରାମର୍ଶଦାତା ରତନେଶ୍ୱର ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟନାରାୟଣ ନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ କିଶୋରୀ କିଶୋରମାନେ ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ ସେଣ୍ଟର, କଳିଙ୍ଗ ଷ୍ଟାଡିୟମ ଓ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପ୍ରଭୃତି ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ନବୀନ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ବ୍ଲକର ପ୍ରାୟ ୪୫ ଜଣ କିଶୋର କିଶୋରୀ, ସୁପରଭାଇଜର ଓ ଜିଲାସ୍ତରୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇଛନ୍ତି।




ଜିଲାସ୍ତରୀୟ ଅଧିକାରୀ ଏବଂ କିଶୋରୀ କିଶୋରମାନେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି।

# କାର୍ଯ୍ୟକାରୀ ହେଲା 'ପ୍ରୋଜେକ୍ଟ ନୀର୍'

## ଗ୍ରାମର କୃଷି ବ୍ୟବସ୍ଥାକୁ ପୁନଃ ଶକ୍ତି ଯୋଗାଇଛି

ରାୟଗଡ଼ା/କାଶୀପୁର/ଟିକିରି, ୧୨।୨(ଆଶିଷ ରଞ୍ଜନ ପଣ୍ଡା/ମୋହନ ନାଏକ/ପ୍ରଫୁଲ୍ଲ କୁମାର ବେହେରା)





କୁଗୁପୁଟ ଗ୍ରାମରେ ପୁନରୁଦ୍ଧାର ହୋଇଥିବା ଡ୍ୟାମ ଓ ଆଡିବନ୍ଧ।

ରାୟଗଡା ଜିଲା ହାଡିଗୁଡା ପଞ୍ଚାୟତ ଅଧୀନ କୁଗୁପୁଟ ଗ୍ରାମରେ ଜଳାଭାବକୁ ନେଇ ଦୀର୍ଘକାଳରୁ ସଂଘର୍ଷ ଚାଲିଥିଲା। ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ଗ୍ରାମର ଚାଷୀ କୃଷି କାର୍ଯ୍ୟ ପାଇଁ ବର୍ଷା ଉପରେ ନିର୍ଭରଶୀଳ ଥିଲେ। ପ୍ରତିବର୍ଷ ଅନିୟମିତ ବର୍ଷା ପାଇଁ ଚାଷ କାର୍ଯ୍ୟ ବ୍ୟାହତ ହେଉଥିଲା। ଏହି ସମସ୍ୟାର ସମାଧାନ କରିବାକୁ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ଓ ଭାରତ ରୁରାଲ ଲାଇଭଲିହୁଡ୍ ଫାଉଣ୍ଡେଶନ ସହଯୋଗିତାରେ ଏକ ଦୀର୍ଘସ୍ଥାୟୀ ଜଳ ସମ୍ପଦ ପରିଚାଳନା ପ୍ରକଳ୍ପ 'ପ୍ରୋଜେକ୍ଟ ନୀର୍' କାର୍ଯ୍ୟକାରୀ କରିଛି। ଯାହା ଗ୍ରାମର କୃଷି ବ୍ୟବସ୍ଥାକୁ ପୁନଃ ଶକ୍ତି ଯୋଗାଇଛି ଏବଂ ଅର୍ଥନୈତିକ ସ୍ଥିରତାକୁ ପ୍ରୋତ୍ସାହିତ କରିଛି।

ଉକ୍ତ ଗ୍ରାମରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ସାଧାରଣ ବର୍ଗଙ୍କୁ ନେଇ ୧୨୭ ପରିବାର ବାସ କରୁଛନ୍ତି। ମୁଖ୍ୟତଃ ଖରିଫ ଋତୁରେ ଲୋକେ ଗୋଟିଏ ମାତ୍ର ଫସଲ ଚାଷ କରୁଥିଲେ। ଅନିୟମିତ ବର୍ଷା ଏବଂ ଆବଶ୍ୟକ ମୁତାବକ ଜଳସେଚନ ବ୍ୟବସ୍ଥା ଅଭାବରୁ ଗ୍ରାମବାସୀ ବର୍ଷକୁ ୧୫ ରୁ ୨୦ ପ୍ରତିଶତ ଶସ୍ୟହାନି ପରିସ୍ଥିତିର ସାମ୍ନା କରୁଥିଲେ। ଗ୍ରାମରେ ଏକ ଚିରସ୍ରୋତା ଝରଣା ଥିବା ସତ୍ତ୍ୱେ ଜଳସମ୍ପଦକୁ ଠିକ ଭାବରେ ବିନିଯୋଗ କରାଯାଉ ନ ଥିଲା। ଏଥିରେ ପୂର୍ବରୁ ଏକ ଆଡିବନ୍ଧ ନିର୍ମାଣ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଏହି ସମସ୍ୟାର ସମାଧାନ ପାଇଁ ୟୁଏଆଇଏଲ୍ ଏବଂ ବିଆର୍ଏଲ୍ଏଫ୍ ତରଫରୁ ଏକ ପୂର୍ଣ୍ଣାଙ୍ଗ ସର୍ବେକ୍ଷଣ କରାଯାଇ 'ପ୍ରୋଜେକ୍ଟ ନୀର୍' ଅଧୀନରେ ଲୁଜ୍ ବୋଲ୍ଡର ଚେକ୍ ଡ୍ୟାମ୍, ଗାବିଅନ ଷ୍ଟ୍ରକଚର ଏବଂ ରହିଥିବା ଡ୍ୟାମଗୁଡିକର ଉନ୍ନତି ସାଧନ ଭଳି ସମାଧାନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରକଳ୍ପରେ ସ୍ଥାନୀୟ ଜନସାଧାରଣଙ୍କୁ ପାର୍ଟିସିପେଟୋରି ରୁରାଲ ଆପ୍ରେଜାଲ (ପିଆର୍ଏ) ଭଳି ସାଧନ ଜରିଆରେ ପ୍ରକଳ୍ପର ଯୋଜନା ପ୍ରସ୍ତୁତି ଓ ତାହାର କାର୍ଯ୍ୟାନ୍ୱୟନରେ ସଂପୃକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗ୍ରାମରେ ଥିବା ଆଡିବନ୍ଧର ପୁନରୁଦ୍ଧାର ପାଇଁ ୧୦ ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ନୂଆକରି ଗଠିତ କୁଗୁପୁଟ ଜଳ ବ୍ୟବହାରକାରୀ କମିଟି ମାର୍ଗଦର୍ଶନରେ ପ୍ଲାଟ୍ଫର୍ମ ନିର୍ମାଣ, ପଥର ପ୍ୟାଚିଂ, ୨୦୫ ଏକରରୁ ଅଧିକ ଜମିକୁ ଅବବାହିକ ସମ୍ପ୍ରସାରଣ କାମ କରାଯାଇଥିଲା। ଏହାଦ୍ୱାରା ଡ୍ୟାମ୍ରେ ଜଳ ମହଜୁଦ କ୍ଷମତାକୁ ପ୍ରାୟ ୭ ଲକ୍ଷ ଲିଟରକୁ ବୃଦ୍ଧି କରିଥିଲା। ଯାହା ୫୦ ଏକର ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି କରିଛି। ଏହାଦ୍ୱାରା କୃଷକମାନେ ସମ୍ପ୍ରତି ଦୁଇଟି ଚାଷ କରୁଛନ୍ତି ଏବଂ ଏକର ପିଛା ଧାନ ଅମଳ ପରିମାଣ ୫ କୁଇଣ୍ଟାଲ ବୃଦ୍ଧିପାଇଛି। ଏଥିସହ ୩୦ ପରିବାର ପନିପରିବା ଚାଷକୁ ଆପଣେଇଛନ୍ତି। ଫଳରେ ବର୍ଷକୁ ଅଧିକ ୧୫ ହଜାର ଟଙ୍କା ଉପାର୍ଜନ କରୁଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ୟୁଏଆଇଏଲ୍ ୟୁନିଟହେଡ୍ ରବି ମିଶ୍ର କହିଛନ୍ତି 'ପ୍ରୋଜେକ୍ଟ ନୀର୍' ଦୀର୍ଘସ୍ଥାୟୀ ବିକାଶ ଏବଂ ଜନସାଧାରଣଙ୍କୁ ସଶକ୍ତ କରିବା ନିମନ୍ତେ ଆମ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଜଳାଭାବ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ଶସ୍ୟରେ ବିବିଧକରଣକୁ ପ୍ରୋତ୍ସାହିତ କରି ଏହି ପ୍ରୟାସ କୁଗୁପୁଟ ଗ୍ରାମରେ ଜୀବିକାରେ ଉନ୍ନତି ଆଣିବା ସହିତ ସେମାନଙ୍କର ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିଛି ବୋଲି ସିଇଓ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା ଘଟଣା
## ଅଭିଯୁକ୍ତ କୋର୍ଟ ଚାଲାଣ

କୋରୁକୋଣ୍ଡା, ୧୨।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ବିଷ ପିଇ ଗୁରୁତର ଅବସ୍ଥାରେ ଥିବା ନୀଳିମାରୀ ଗ୍ରାମର ପୂର୍ଣ୍ଣିମା ନାୟକ(୨୦)ଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମୃତ ପୂର୍ଣ୍ଣିମାଙ୍କ ଭାଇ ଲଇଛନ



ନାୟକ ଓର୍କେଲ ଥାନାରେ ଏତଲା ଦେଇଥିଲେ। ଦାନୀଗୁଡ଼ା ଗ୍ରାମର ରବି ପ୍ରଧାନ(୨୪) ତାଙ୍କ ଭଉଣୀଙ୍କୁ ହତ୍ୟା କରିଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ପୋଲିସ ନଂ.୫୩/୨୫ ରେ ଏକ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ରବିଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ଯୁବତୀ ଜଣକ କେଉଁ କାରଣରୁ ବିଷ ପିଇ ଆତ୍ମହତ୍ୟା କଲେ ତଦନ୍ତ ସରିବା ପରେ ଜଣାପଡିବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

## ନାବାଳିକା ଗର୍ଭବତୀ ଘଟଣା, ଜେଲ ଗଲେ ଯୁବକ

କୋରୁକୋଣ୍ଡା, ୧୨।୨(ଶିବଦତ୍ତ ସାହୁ)- ଜଣେ ୧୬ ବର୍ଷୀୟ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ତାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଗିରଫହୋଇ ଜେଲ ଗଲେ ଜଣେ ଯୁବକ। ସେ ହେଉଛନ୍ତି ମାଲକାନଗିରି ଥାନା ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମର ଅମନ କାଛିମ । ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ପୋଲିସ ନଂ.୫୪/୨୫ ରେ ଏକ ମାମଲା ରୁଜୁକରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଅମନଙ୍କୁ ଗିରଫକରି ପ୍ରଥମେ ତାଙ୍କର ଡାକ୍ତରୀ ମାଇନା କରିବା ପରେ ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ମାଜିଷ୍ଟ୍ରେଟଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବା ପରେ ତାଙ୍କୁ ଚାଇଲ୍ଡ ଲାଇନ୍‌ଙ୍କ ନିକଟରେ ହାଜର କରାଯିବ ବୋଲି ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

କାଳିମେଳା, ୧୨।୨(ଜୀବନକୃଷ୍ଣ ଦାସ)- ମାଲକାନଗିରି ଜିଲା କାଳିମେଳା ବ୍ଲକ୍‌ର ଜଣେ ଜଣାଶୁଣା ଶିକ୍ଷକଙ୍କ ବୁଧବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ କାଳିମେଳାର ବରୁଣକାନ୍ତି ମଣ୍ଡଳ। ସେ କୋଇମେଟଲା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ସୂଚନାଯୋଗ୍ୟ, ମଣ୍ଡଳ ବହୁଦିନ ଧରି କିଡ୍‌ନୀ ଏବଂ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ତେବେ ବୁଧବାର ସକାଳେ ସେ ନିଜ ବାସଭବନରେ ଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶିକ୍ଷକ ମଣ୍ଡଳଙ୍କ ମୃତ୍ୟୁ ଖବର ପାଇ ସେମିଳିଗୁଡ଼ାରେ ରହୁଥିବା ତାଙ୍କ ଭଉଣୀଙ୍କର ମଧ୍ୟ ଆକସ୍ମିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

# ସୀମାନ୍ତବାସୀଙ୍କ ଦୋମୁହାଁ ନୀତି, ଓଡ଼ିଶାର ସୁଭଦ୍ରା ଯୋଜନାରୁ ୬୭୦ ବଞ୍ଚିତ

ପଟ୍ଟାଙ୍ଗି, ୧୨।୨ (ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନରେ ଥିବା କୋଟିଆ ପଞ୍ଚାୟତର ଆନ୍ଧ୍ର ସୀମାକୁ ଲାଗି ଥିବା ସୀମାନ୍ତ ଗ୍ରାମବାସୀଙ୍କ ଦୋମୁହାଁ ମନୋଭାବ ତଥା ନିଜ ଭୁଲ୍ ପାଇଁ ଓଡ଼ିଶାର ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇ ଦୋ ଛକିରେ ପଡିଯାଇଛନ୍ତି। ଏହିପରି ଘଟଣା କୋଟିଆ ପଞ୍ଚାୟତର ବିବାଦୀୟ ତଥା ଅନ୍ ସର୍ଭେ ୨୧ ଗ୍ରାମ ମହିଳାଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି । ଯାହା ପାଇଁ ପ୍ରଶାସନ ମଧ୍ୟ ଉକ୍ତ ସମସ୍ୟା କିପରି ସମାଧାନ ହେବ ସେନେଇ ପ୍ରସ୍ତୁତି ଆରମ୍ଭ କରିଛି।

କୋଟିଆ ପଞ୍ଚାୟତ ଅଧିନରେ ଥିବା ଆର୍ଜୁବାଲସା, ଉପର ସେମ୍ବି, କନାଦୋରା, କୋଟିଆ, ଗଞ୍ଜେଇପଦର, ଡୋଲିଆମ୍ବ, ତଳସେମ୍ବି, ତାଡିବାଲସା, ଧୁଳିପଦର, ନେରିଡିୱାଲସା, ପନିକି, ଫଗୁଣସିନେରି, ଫାଟୁସିନେରି, ବର୍ଣ୍ଣନାପାଡୁ, ମହିପାଣି, ମାଡକାର୍, ରଣସିଂ, ସଲପଗୁଡା, ସିଡିୱାଲସା, ସୀମାଗାଡା ଏବଂ ହରମାଣ୍ଡାଙ୍ଗି ପ୍ରମୁଖ ୨୧ ଗ୍ରାମ ଅନ୍ ସର୍ଭେ ହୋଇଥିବା ବେଳେ ଉକ୍ତ ଗ୍ରାମବାସୀଙ୍କ ନିକଟରେ ଦୁଇ ରାଜ୍ୟର ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର କାର୍ଡ ଓ ରାସନ କାର୍ଡ ଆଦି ରହିଛି । ଯାହାକି ଗତ ଦିନରେ ଓଡିଶା ସରକାରଙ୍କ ପକ୍ଷରୁ ମିଳୁଥିବା



ଦୁଇଟି ରାଜ୍ୟର ଆଧାରକାର୍ଡକୁ ଜଣେ ମହିଳା ଦେଖାଉଛନ୍ତି।

ବିଭିନ୍ନ ସରକାରୀ ଯୋଜନା ଯଥା ଆବାସ ଗୃହ, ବାର୍ଦ୍ଧକ୍ୟ ଭତ୍ତା ଆଦିରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ସମସ୍ୟାର ସମ୍ମୁଖୀନ ହୋଇଥିଲେ ; ଯେଉଁଥି ପାଇଁ କି ତତ୍କାଳୀନ ୨ ଜିଲାପାଳ ମଧୁସୂଦନ ମିଶ୍ର ଏବଂ ଅବ୍ଦୁଲ୍ ଏମ୍ ଅଖତରଙ୍କ ନିର୍ଦ୍ଦେଶ କ୍ରମେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମରେ ଆଧାର କାର୍ଡ ସଂଶୋଧନ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପ୍ ଆୟୋଜନ କରାଯାଇ ଅନେକ ସୀମାନ୍ତବାସୀଙ୍କ କାର୍ଡ ସଂଶୋଧନ କରାଯାଇଥିଲା।

ଏହିପରି ସେହି ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ୧ ମାସ ପର୍ଯ୍ୟନ୍ତ ଉକ୍ତ କାର୍ଡ ସଂଶୋଧନ ପାଇଁ ବ୍ଲକ କର୍ମଚାରୀ ପଞ୍ଚାୟତରେ ରହି ସଂଶୋଧନ କରିଥିଲେ। କିନ୍ତୁ ଏହା ପୁଣି ପରବର୍ତ୍ତୀ ସମୟରେ ପଡୋଶୀ ଆନ୍ଧ୍ର ନିଜର ଚାଲ ଚଳାଇ ଲୁଚାଛପାରେ କୋଟିଆର ସୀମାନ୍ତ ଗ୍ରାମରେ ଅନୁପ୍ରବେଶକରି ସଂଶୋଧନ ହୋଇଥିବା ଆଧାର କାର୍ଡଗୁଡିକୁ ନିଜ ରାଜ୍ୟର ଦର୍ଶାଇ ଓଡିଶାକୁ ବଦନାମ କରିବାକୁ ଚକ୍ରାନ୍ତ କରି ଚାଲିଛି, ଯାହାର ପରିଣାମ ସ୍ୱରୂପ ସୀମାନ୍ତବାସୀ ବର୍ତ୍ତମାନ ଓଡ଼ିଶାର ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ଆଧାର କାର୍ଡରେ ଯେ କୌଣସି ତ୍ରୁଟି ରହିଥିଲେ ତାହା ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ସମାଧାନ ହୋଇପାରୁଥିଲା, କିନ୍ତୁ ବର୍ତ୍ତମାନ ତାହା ହୋଇ ପାରୁନାହିଁ, ଯାହାକି ତ୍ରୁଟିପୂର୍ଣ୍ଣ ଆଧାର କାର୍ଡକୁ ସଂଶୋଧନ କରିବାକୁ ହେଲେ ଗେଜେଟ୍ ନୋଟିଫିକ୍ସନ କରିବାକୁ ପଡୁଛି। ଯେଉଁଥିରେ କି ଉକ୍ତ ନୋଟିଫିକ୍ସନ କ୍ଲିୟର ହୋଇ ଆସିବାକୁ କେଉଁଠି ମାସ ମାସ ସମୟ ଲାଗୁଛି, ଆଉ କେଉଁଠି କ୍ଲିୟର୍ ହୋଇ ଆସିବା ପାଇଁ ବିଭିନ୍ନ ଟେକ୍ନିକାଲ୍ ଇସ୍ୟୁ ଦେଖାଯାଉଛି। ତେଣୁ ବର୍ତ୍ତମାନ ଉକ୍ତ ସୀମାନ୍ତବାସୀଙ୍କ ତ୍ରୁଟିପୂର୍ଣ୍ଣ ଆଧାର କାର୍ଡ କିପରି ସଂଶୋଧନ ହେବ ସେନେଇ ପ୍ରଶ୍ନ ଉଠୁଛି। ସେପଟେ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ମହିଳାମାନଙ୍କୁ କିପରି ଚିହ୍ନଟ କରାଯାଇ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ କରାଯିବ ସେ ନେଇ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ୍ ପ୍ରଶାସନ ଏକ ଟିମ୍ ଗଠନକରି କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏନେଇ ବିଡିଓ ରାମକୃଷ୍ଣ ନାୟକଙ୍କୁ ପଚାରିବାରୁ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରୁ ୬୫୬ ଜଣଙ୍କୁ ଚିହ୍ନଟ କରାଯାଇଛି। ଯାହାକି ଏମାନଙ୍କର ଆଧାର କାର୍ଡ ତ୍ରୁଟି ରହିଥିବାରୁ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିବୁ । ପରବର୍ତ୍ତୀ ସମୟରେ ଯାହା ନିର୍ଦ୍ଦେଶ ଆସିବ ତାକୁ ନେଇ କାର୍ଯ୍ୟ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ଉକ୍ତ ପଞ୍ଚାୟତରେ ୧୦୯୮ ମହିଳା ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଅର୍ଥ ପାଇ ସାରିଥିବା ବେଳେ ଅବଶିଷ୍ଟ ୬୭୦ ମହିଳା ପଞ୍ଜୀକରଣ କରିଥିବା ଜଣାପଡ଼ିଛି।

# ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ



ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କୁ ଗଜ ଉଦ୍ଧାରଣ ବେଶ କରାଯାଇଛି।

ଜୟପୁର, ୧୨।୨ (ପବନ ପାଣିଗ୍ରାହୀ)

ଜୟପୁର ଜଗନ୍ନାଥ ମନ୍ଦିରରେ ମାଘ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ କରାଯାଇଛି। ଏହି ବେଶ ଦର୍ଶନ କଲେ ବିପଦରୁ ଉଦ୍ଧାର ହେବା ସହ ପୁଣ୍ୟ ମିଳିବ ବୋଲି ବିଶ୍ୱାସ ରହିଛି। ତେଣୁ ଶ୍ରୀଜୀଉଙ୍କ ଏହି ବେଶ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମନ୍ଦିରରେ ସନ୍ଧ୍ୟା ୬ଟା ୪୫ରେ ସ୍ୱତନ୍ତ୍ର ଆଳତି ଭୋଗ କରାଯାଇଛି। ପୂଜକ ଡମ୍ବରୁଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠୀ ସମସ୍ତ ନିତିକାନ୍ତି କରିଥିଲେ। ସେହିପରି ବଲ୍ଲଭ ନାରାୟଣଙ୍କୁ ମଧ୍ୟ ସ୍ୱତନ୍ତ୍ର ବେଶ କରାଯାଇଥିଲା। କଣ୍ଡରା ସାହିସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତ ଜାରି ରହିଛି। ପ୍ରଭୁଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଛି । ଏହି ଅବସରରେ ସ୍ୱତନ୍ତ୍ର ଆଳତି, ଭୋଗ ଲାଗି ହୋଇଛି। କୁମ୍ଭ ସଂକ୍ରାନ୍ତି ଅବସରରେ ଅଷ୍ଟଶମ୍ଭୁ ପଞ୍ଚାନନ ମନ୍ଦିର, ବାବା ବୈଦ୍ୟନାଥ ମନ୍ଦିର, ଅଧିଷ୍ଠାତ୍ରୀ ମା ଭଗବତୀ ମନ୍ଦିର, ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଜାରି ରହିଛି।

# ବିନା ବେତନର ସୁରକ୍ଷା କର୍ମୀ

କୋରୁକୋଣ୍ଡା, ୧୨।୨ (ଶିବଦତ୍ତ ସାହୁ)

ନେପାଳୀ ଗଣେଶ ଲାଲ ବାହାଦୁର(୫୧)। ଘର ନେପାଳ କାଠମାଣ୍ଡୁ ଅନ୍ତର୍ଗତ ମହେନ୍ଦ୍ରନଗର । ପ୍ରାୟ ୧୦ ବର୍ଷ ପୂର୍ବେ କେତେଜଣ ସମ୍ପର୍କୀୟଙ୍କ ଡାକରାରେ ସେ ନେପାଳରୁ ମାଲକାନଗିରି ଜିଲା ବାଲିମେଳା ସହରକୁ ଆସିଥିଲେ। ଆଉ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ବାଲିମେଳା ସହରରେ ପାଲଟିଯାଇଛନ୍ତି ଗଣେଶ ଲାଲ ବାହାଦୁର। ସହରବାସୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ସେ ପ୍ରତିଦିନ ରାତି ୯ ଟା ପରେ ଖାକି ପୋଷାକ ପିନ୍ଧି ବାହାରିପଡନ୍ତି। ରାତି ତମାମ ସହରର ଗଳିକନ୍ଦି ବୁଲି ହୁଇସିଲ ମାରି ସହରବାସୀଙ୍କୁ ସତର୍କ କରାଇଥାନ୍ତି। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେଲା ବିନା ବେତନରେ ସେ ଏହି ସେବା ଯୋଗାଇ ଆସୁଛନ୍ତି। ମାସ ଶେଷରେ ଯିଏ ଯାହା ଦେଲା ଖୁସିରେ ଗ୍ରହଣ କରନ୍ତି। ତେଲ ଲୁଣର ସଂସାର ଭିତରେ ମାସ ଶେଷକୁ ଯାହା ମିଳେ ସେଥିରେ ଚଳିବା ଯଦିବା କଷ୍ଟକର ତଥାପି ନିଜ ସମସ୍ୟା ନେଇ କାହା ଆଗରେ କୁହନ୍ତି ନାହିଁ କି କାର୍ଯ୍ୟରେ ଆଦୌ ଅବହେଳା କରନ୍ତି ନାହିଁ। ନେପାଳରେ ନିଜ ପରିବାର



ଗଣେଶ ଲାଲ ବାହାଦୁର।

ଓ ସବୁ ସମ୍ପର୍କୀୟ ରହୁଥିବାବେଳେ ସେ ଏକୁଟିଆ ଜଳବିଦ୍ୟୁତ୍ କେନ୍ଦ୍ର ଅଧୀନରେ ଥିବା ଏକ ପରିତ୍ୟକ୍ତ ଘରେ ରହୁଛନ୍ତି। ଗଣେଶଙ୍କ ସମ୍ପର୍କୀୟ ବାଲିମେଳା ଛାଡ଼ି ପୁଣି ନେପାଳ ଚାଲି ଆସିବାକୁ ଅନେକ ଥର କହିଛନ୍ତି। ତେବେ ଓଡ଼ିଶାର ପାଣି ପବନରେ ବାନ୍ଧି ହୋଇଯାଇଛନ୍ତି ସେ। ଏ ସମ୍ପର୍କରେ ଗଣେଶଙ୍କୁ ପଚାରିବାରୁ ବାଲିମେଳାବାସୀ ମୋତେ ବହୁତ ସ୍ନେହ ଶ୍ରଦ୍ଧା ଦେଉଛନ୍ତି। ମାସ ଶେଷକୁ ଯିଏ ଯାହା ଖୁସିରେ ଦେଉଛନ୍ତି ସେଥିରେ ପରିବାର ଲୋକଙ୍କୁ ଚଳାଇବା ବହୁ କଷ୍ଟ ହେଉଛି। ତଥାପି ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏଠାରେ ରହି ଲୋକଙ୍କୁ ସୁରକ୍ଷା ଯୋଗାଇବେ ବୋଲି ଏକ ଆବେଗଭରା କଣ୍ଠରେ କୁହିଛନ୍ତି ।

# ମହାବିଦ୍ୟାଳୟର ଉନ୍ନତିରେ ସହଯୋଗ ରହିବ: ବିଧାୟକ

## ସେମିଳିଗୁଡ଼ା ମହାବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ




ଅତିଥିମାନେ କଲେଜ ସ୍ମରଣିକା 'ଦେଓମାଳି'କୁ ଉନ୍ମୋଚନ କରୁଛନ୍ତି।

ସୁନାବେଡ଼ା/ସେମିଳିଗୁଡ଼ା, ୧୨।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡା ମହାବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ରମାରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁନାଥ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ସରକାରଙ୍କ ସହଯୋଗ ରହିବ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ପ୍ରତିଷ୍ଠାତା କୃଷ୍ଣ ସିଂହ ଉଚ୍ଚ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧିହେଉ ବୋଲି କହିଥିଲେ। ସାମାଜିକ କର୍ମୀ ସୁମନ୍ତ କୁମାର ପ୍ରଧାନ ଏଠାରୁ ଆଗାମୀ ଦିନରେ ବହୁ ପ୍ରଶାସକ, ବୈଜ୍ଞାନିକ, ରାଜନେତା ସଂଗଠକ ସୃଷ୍ଟି ହେବେ ବୋଲି ମତ ଦେଇଥିଲେ। ସେହିପରି ପୂର୍ବତନ ପରିଚାଳନା ସମିତି ସଭାପତି ଡ.ପ୍ରଦୀପ କୁମାର ବେହେରା ଛାତ୍ରୀଛାତ୍ରଙ୍କୁ ଚରିତ୍ରବାନ ଓ ନିଷ୍ଠାବାନ ସହିତ ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ସୂତାର ମହାବିଦ୍ୟାଳୟର ଅତୀତ ଇତିହାସକୁ ରୋମନ୍ଥନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଦେଓମାଳ'ର ଉନ୍ମୋଚନ କରାଯାଇଥିଲା। ପ୍ରାଧ୍ୟାପିକା ଡ.ଝାନସୀ ସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ପ୍ରେମାନନ୍ଦ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ବିଜେତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ବବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ,ଡ.ଶୁଭ୍ରାଂଶୁ ସୁନ୍ଦର ଦାସ,ହରପ୍ରସାଦ ପତି, ହରେକୃଷ୍ଣ ସାହୁ, ଅଲେଖ ପଣ୍ଡା, ଚିତ୍ତରଞ୍ଜନ ଦାସ, ଡ. ଗୀତା ପଟ୍ଟନାୟକ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବାର୍ଷିକ ଉତ୍ସବରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଧାୟକ ମାଛ ମହିଳା ବିଭାଗରେ ଶ୍ରେଷ୍ଠ ବିଜେତା ଭାବେ ମିଥିଳା ଶ୍ରୀମୁଳିଆ, ରାଣୀ ପାଣି ଓ ପୁରୁଷ ବିଭାଗର ଶ୍ରେଷ୍ଠ ବିଜେତା ଭାବରେ ପଦ୍ମନ୍ ହନ୍ତାଳ, ନରସିଂହ ମାଝି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଥିବା ଯଶୋଦା ଗୋଲାରୀ, ଅଂଶିତା ଜେନା,ଏସ୍. ସୂତାର, ସ୍ମୃତି ପ୍ରଧାନ ଓ ରୋଜୀ ଡାକୁଆଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଡ. ଚିତ୍ତରଞ୍ଜନ ମିଶ୍ର, ବାସନ୍ତୀ ପଟ୍ଟନାୟକ, ଅନିରୁଦ୍ଧ ଜେନା, ଜୟରାମ ଗରଡ଼ା, ବଦ୍ରିନାରାୟଣ ପାତ୍ର ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବୃନ୍ଦାବତୀ ସଂସ୍ଥାର ନାମଯଜ୍ଞ ସଂକୀର୍ତ୍ତନ

ସୁନାବେଡ଼ା, ୧୨।୨ (କୃତ୍ତିବାସ ପ୍ରଧାନ)

ଏଇଏଫ୍ କଲୋନି ବୃନ୍ଦାବତୀ ସଂସ୍ଥା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ ହୋଇଛି। ଏଥିରେ ସୁନାବେଡା ବୃନ୍ଦାବତୀ ସଂସ୍ଥା ସଂକୀର୍ତ୍ତନ ମଣ୍ଡଳୀ ବ୍ୟତୀତ ଆଖପାଖ ଷ୍ଟେଟ୍ ପିଏଚ୍ଡ଼ି, ରାଜୀବ କଲୋନି, ଡିପି କ୍ୟାମ୍ପ,କୁମାରଗୁଡ଼ା, ମାତାଳପୁଟ,କୁଲବ, ଗୌଡ଼ଗୁଡ଼ା ଗାଁର ପ୍ରାୟ ୧୦ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକ କହିଛନ୍ତି । ମଙ୍ଗଳବାର ସନ୍ଧ୍ୟା ସାଢେ ୭ ଟାରେ ଘଟ ଆମନ୍ତ୍ରଣ ବୁଧବାର କଳସ ସ୍ଥାପନ ସହ ସକାଳ ସାଢେ ୫ ଟାରେ ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ଗୁରୁବାର ସକାଳ ୭ ରେ ପୂର୍ଣ୍ଣାହୁତି ହେବା ସୂଚନା ରହିଛି। ସଂସ୍ଥା ସଂକୀର୍ତ୍ତନ ମଣ୍ଡଳୀ ସଭାପତି ପୂର୍ଣ୍ଣ ମହାନ୍ତି, ଅଧିକାରୀ ସୀତାରାମ ଦାସ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଭଞ୍ଜ, ପ୍ରଦୀପ ମହାରଣା, ସୁବ୍ରତ ଗୌଡ଼ ଓ ଅନୀଲ ମହାନ୍ତି ପ୍ରମୁଖ ସହଯୋଗ କରୁଛନ୍ତି ।

# ହାଲ୍ ପକ୍ଷରୁ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ

କୁନ୍ଦୁରା, ୧୨।୨ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପରିସରରେ ହିନ୍ଦୁସ୍ତାନ ଏରୋନଟିକ ଲିମିଟେଡ୍ ପକ୍ଷରୁ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ କପିଳେଶ୍ୱର ତାଣ୍ଡି,ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେଶ୍ୱରୀ ପରଜା, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ହାଲ ଜିଏମ ଶୋଭାଲାଲ ସାମଲ, ଡିଜିଏମ୍ ଭାବିନି ସା, ସିଏମ୍ ଡିପି ୱାକଡିକାନ, ହାଲ ମ୍ୟାନେଜର ସ୍ମିତା ମହାପାତ୍ର ବରିଷ୍ଠ ସଂଯୋଜକ ରଞ୍ଜନ ମୈତାଇ, ସାମାଜିକ ସୁରକ୍ଷା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅଧିକାରୀ ବଳିରାମ ଭତ୍ରା ଏବଂ ବରିଷ୍ଠ ସହାୟକ ବସନ୍ତ କୁମାର ଭୋଳ ଉପସ୍ଥିତ ଥିଲେ। ଏଥିରେ ୩ ଜଣଙ୍କୁ ଯନ୍ତ୍ର ଚାଳିତ ସାଇକେଲ, ଜଣଙ୍କୁ ଯନ୍ତ୍ର ଚାଳିତ ହୁଇଲ୍ ଚେୟାର, ହୁଇଲ୍ ଚେୟାର ହ୍ୱିଲ ଚେୟାର ୩୯, ଟ୍ରାଇ ସାଇକେଲ ୨, ୱାକର ୮୨, ଷ୍ଟିକ ୮୨, ଛାତି ବେଲ୍ଟ ୮୨, ଆଣ୍ଠୁ ବେଲ୍ଟ ୮୨, କମଡ଼ ୨୪, ୱାକର କମଡ଼ ୨୪, କାନ ଯନ୍ତ୍ର ୨୫ ଏବଂ ହୁଇଲ୍‌ଚେୟାର ସହିତ କମଡ଼ ୭ ଜଣଙ୍କୁ ପ୍ରଦାନ କରାଯାଇଛି।

# ମାନ୍ୟମକୋଣ୍ଡା ଅଭିମୁଖେ ପୂଜାରୀଙ୍କ ପ୍ରଥମ ଦଳ ଯାତ୍ରା ଆରମ୍ଭ

## ବଡ଼ଯାତ୍ରାର ବିଗୁଲ ବାଜିଲା

ମାଲକାନଗିରି, ୧୨।୨ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲାର ପ୍ରତି ଦୁଇବର୍ଷକୁ ଥରେ ହେଉଥିବା ବଡ ଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଛି। ସଦର ମହକୁମା ମାଉଲି ମା ମନ୍ଦିରରୁ ପୂଜାରୀମାନଙ୍କ ପ୍ରଥମ ଦଳର ଯାତ୍ରା ଆରମ୍ଭ ହୋଇଛି। ପୂଜାରୀଙ୍କ ପ୍ରଥମ ଦଳ ବୁଧବାର ମାଉଲି ମା' ମନ୍ଦିରରୁ ବାହାରି ଆସନ୍ତା ୧୬ ରେ ମାନ୍ୟମକୋଣ୍ଡାଠାରେ ପହଞ୍ଚିବେ। ମାଲକାନଗିରିଠାରୁ ତମସା, କ୍ରୁସୁବାଡା, ପୋତାଖାଲ, ଗୁମୁକା, କାଳିମେଳା, ବିଲିଗୁଡା, ଦୁକୋଣ୍ଡା ଦେଇ ପ୍ରାୟ ୯୦ କି.ମି.ଚାଲି ଚାଲି ମାନ୍ୟମକୋଣ୍ଡାରେ ପହଞ୍ଚିବେ। ସେଠାରେ ଛାମୁଣ୍ଡା ତିଆରି, ତେଲପେଡା ଓ ସାଉବାନପାଲ୍ଲୀ ଗ୍ରାମରେ ଭଗବାନଙ୍କ ପ୍ରତିମା ତିଆରି ନିମନ୍ତେ ବାଉଁଶ ଆଣିବା, ପୋଲୁରୁ ଗ୍ରାମରେ ଭଗବାନଙ୍କ ଡଙ୍ଗା ତିଆରି, ପ୍ରତିମା ତିଆରି ପାଇଁ ମୟୁର ପୁଛ ବୁଣିବା ଭଳି କାର୍ଯ୍ୟକ୍ରମ କରାଯିବା ପରେ ଆସନ୍ତା ୨୫ ତାରିଖ ଦିନ ମାଲକାନଗିରିରେ ପୂଜାରୀଙ୍କ ଦ୍ୱାରା ଚାରିଦିଗ ସମ୍ପ୍ରଦାୟ ବନ୍ଧନ କାର୍ଯ୍ୟକ୍ରମ ରହିଛି। । ୨୭ ତାରିଖ



ବଡଯାତ୍ରା ଉପଲକ୍ଷେ ଶୋଭାଯାତ୍ରାରେ ବାହାରିଥିବା ପ୍ରଥମ ଦଳ ।

ଦିନ ମାଲକାନଗିରିଠାରୁ ପୂଜାରୀଙ୍କ ଦ୍ୱିତୀୟ ଦଳ ଭଗବାନଙ୍କୁ ଆଣିବା ନିମନ୍ତେ ' ସିଂହାସନ ନିର୍ମାଣ କରି ବାହାରିବେ । ଏହି ଦ୍ୱିତୀୟ ଦଳ ମାର୍ଚ୍ଚ ୨ ଦିନ ପୋଲୁରୁ ଗ୍ରାମରେ ପହଞ୍ଚିବା ପରେ ୩ ତାରିଖ ଦିନ ୩ ଠାକୁର କାନାମରାଜୁ, ବାଲାରାଜୁ ଓ ପୋତରାଜୁଙ୍କ ସହ ମା' ମୁତ୍ୟାଲୁମାଙ୍କ ଯାତ୍ରା ଆରମ୍ଭ ହେବ। ମାନ୍ୟମକୋଣ୍ଡାରେ ଡଙ୍ଗା ଯାତ୍ରା, ପୋଲୁରୁ ଗ୍ରାମରେ ପ୍ରଥମ ଯାତ୍ରା ଓ ଭୋଗ ଅର୍ପଣ କରାଯିବା ପରେ ଠାକୁର ଓ ମା' ମୁତ୍ୟାଲୁମା ମାଲକାନଗିରି ଅଭିମୁଖେ ବାହାରିବେ । ସେଠାରୁ ମାର୍ଚ୍ଚ ୮ ଦିନ ମାଲକାନଗିରି ସହରରେ ୩ ଠାକୁର ଓ ମୁତ୍ୟାଲୁମାଙ୍କ ପ୍ରବେଶ ହେବ । ମାଲକାନଗିରି ସଦର ମହକୁମାରେ ୪ଦିନ ଯାତ୍ରା ପରେ । ମାର୍ଚ୍ଚ ୧୧ ରାତି ଶେଷ ଭୋଗ ପରେ ବୁଧବାର ପର୍ବାହ୍ନରେ ତିନି ଠାକୁରଙ୍କୁ ପୁଣିଥରେ ମାନ୍ୟମକୋଣ୍ଡା ଅଭିମୁଖେ ବିଦାୟ ଯାତ୍ରା ହେବ । ଏହି କାର୍ଯ୍ୟକ୍ରମରେ ବଡ ଯାତ୍ରା ପରିଚାଳନା କମିଟି ସଦସ୍ୟ ତଥା ମାଲକାନଗିରି ତହସିଲଦାରଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ସିଆର୍‌ପିଏଫ୍‌ର ୭୮ତମ ସ୍ଥାପନା ଦିବସକୁ ସ୍ମରଣ ପାଇଁ ବଡ଼ ମେଳା

ମାଲକାନଗିରି, ୧୨।୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ସିଆରପିଏଫ ଦ୍ୱିତୀୟ ବାଟାଲିୟନର ୭୮ତମ ସ୍ଥାପନା ଦିବସକୁ ସ୍ମରଣ କରିବା ପାଇଁ ଏକ ବଡ ମେଳା ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱିତୀୟ ବାଟାଲିୟନର କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସିଆରପିଏଫର ଗୌରବମୟ ଇତିହାସ, ଏହାର ସାହସିକତା ଏବଂ ଦେଶ ପାଇଁ ସେବା ଉତ୍ସର୍ଗ କରା ଯାଇଥିଲା । ଉତ୍ସବରେ ସୁକ୍‌ମା ଡିଆଇଜି ଆନନ୍ଦ ସିଂ ରାଜପୁରୋହିତ, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ତାଙ୍କ ସହ ଅରୁଣ ରାଜ ପୁରୋହିତ, ସମ୍ମାନୀତ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ୨୨୬ ବାଟାଲିୟନ କମାଣ୍ଡାଣ୍ଟ ଧନ ସିଂ ବିଷ୍ଟ ଉପସ୍ଥିତ ଥିଲେ। ମେଳାରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାହା ଯବାନମାନଙ୍କୁ ସକରାତ୍ମକ ଏବଂ ଉପଭୋଗ୍ୟ ପରିବେଶ ଯୋଗାଇଥାଏ। ଏହିବସରରେ ମଲଖାମ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେଉଁଥିରେ ଯବାନମାନେ ଉତ୍ସାହର ଓ ହିତ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ। ମେଳାର ପ୍ରମୁଖ ଆକର୍ଷଣ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ, ଯେଉଁଠାରେ ପାରମ୍ପରିକ ଏବଂ ଆଧୁନିକ ରୋଷେଇ ଗୁଡିକ ପୂର୍ଣ୍ଣ ଉପଭୋଗ କରାଯାଇଥିଲା। ଷ୍ଟଲଗୁଡିକରେ ବିଭିନ୍ନ ରାଜ୍ୟରୁ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ଉପଲକ୍ଷେ ମୁଖ୍ୟ ଅତିଥି ସଂ ଅଭିଭାଷଣରେ ସାହାସୀ ସିଆରପିଏଫ ଯବାନମାନଙ୍କ କର୍ତ୍ତବ୍ୟ, ଉତ୍ସର୍ଗୀକୃତତା ଏବଂ ଭକ୍ତିକୁ ପ୍ରସଂସା କରିଥିଲେ । ସେ ଏହି ଶକ୍ତିର ସାହସିକତା, ଶୃଙ୍ଖଳା ଏବଂ ଦେଶ ପାଇଁ ସେବା କରିବାର ଆତ୍ମାକୁ ସମ୍ମାନୀତ କରି ସମସ୍ତ ଅଧିକାରୀ ଏବଂ ଯବାନମାନଙ୍କୁ ସେମାନଙ୍କ ଅବଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ ।



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

## ସଂକ୍ଷେପରେ

### ରାସ୍ତାରୁ ଖସି ବାଉଁଶ ଜଙ୍ଗଲରେ ପଶିଗଲା କାର୍



ପାପଡ଼ାହାଣ୍ଡି, ୧୨।୨ (ସ୍ୱପ୍ନଜିତ ପଟ୍ଟନାୟକ): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଝିଟକୁଗୁଡା ନିକଟରେ ବୁଧବାର ଏକ କାର ଭାରସାମ୍ୟ ହରାଇ ରାସ୍ତାରୁ ଖସି ବାଉଁଶ ଜଙ୍ଗଲ ଭିତରେ ପଶିଥିଲା। କାର୍‌ଟି ସମ୍ବଲପୁରରୁ ମାଲକାନଗିରି ଅଭିମୁଖେ ଯାଉଥିଲା। ଏହି ସମୟରେ ଝିଟକୁଗୁଡା ନିକଟରେ ଚାଳକଙ୍କ ଆଖି ଲାଗିଯିବାରୁ ତାହା ନିୟନ୍ତ୍ରଣ ହରାଇ ବାଉଁଶ ଜଙ୍ଗଲ ଭିତରେ ପଶି ଯାଇଥିଲା। କାରର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି।

### ୨ବାଇକ୍, ଅଟୋକୁ ଧକ୍କା ଦେଇ ପିକ୍‌ଅପ୍ ଫେରାର

ପାପଡ଼ାହାଣ୍ଡି, ୧୨।୨ (ସ୍ୱପ୍ନଜିତ ପଟ୍ଟନାୟକ): ଏକ ପିକ୍‌ଅପ୍ ଗାଡ଼ି ୨ ବାଇକ ଓ ଗୋଟିଏ ଅଟୋକୁ ଧକ୍କା ଦେଇ ଫେରାର ହୋଇଯାଇଛି। ଦୁର୍ଘଟଣାରେ ଧକ୍କାରେ ବାଇକ ୨ଟି ଭାଙ୍ଗି ଯାଇଥିବାବେଳେ ଅଟୋ କ୍ଷତିଗ୍ରସ୍ତ ହୋଇଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ସଦରରେ ବୁଧବାର ଏପରି ଏକ ଘଟଣା ଘଟିଛି। ଯାହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଅପରାହ୍ନ ୩ଟା ୪୦ରେ ଏକ ପିକଅପ୍ ଭ୍ୟାନ ଦ୍ରୁତଗତିରେ ୨୬ ନମ୍ବର ଜାତୀୟ ରାଜପଥ ଦେଇ ପାପଡ଼ାହାଣ୍ଡି ଅଭିମୁଖେ ଆସୁଥିଲା। ଏହି ସମୟରେ ପାପଡ଼ାହାଣ୍ଡି ଭବାନୀ ଛକ ନିକଟରେ ଅଟୋକୁ ଧକ୍କା ଦେଇ ସେଠାରୁ ଚମ୍ପଟ ମାରିଥିଲା। ଏହାପରେ ପାପଡ଼ାହାଣ୍ଡି ବସ୍‌ଷ୍ଟାଣ୍ଡ ନିକଟରେ ଏକ ବାଇକ୍ (ଓଡି-୨୪ଏଚ୍-୬୧୧୦) ଓ (ଓଡି-୨୪ଏଲ୍-୭୬୯୨)କୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ବାଇକ ଆରୋହୀଙ୍କ ହାତ ଗୋଡ଼ରେ ମାଡ ବସିଛି। ଘଟଣାସ୍ଥଳରେ ପାପଡ଼ାହାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରିଛି।

### ମାତ୍ରାଧିକ ଔଷଧ ଖାଇ ସ୍କୁଲ ଛାତ୍ରୀ ଗୁରୁତର

ପାପଡ଼ାହାଣ୍ଡି, ୧୨।୨ (ସ୍ୱପ୍ନଜିତ ପଟ୍ଟନାୟକ) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ଅଞ୍ଚଳର ଜଣେ ଛାତ୍ରୀ ବୁଧବାର ମାତ୍ରାଧିକ ଔଷଧ ଖାଇ ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଔଷଧ ସେବନର କାରଣ ଜଣାପଡିନାହିଁ। ସୂଚନାନୁଯାୟୀ ଛାତ୍ରୀ ଜଣଙ୍କ ନବମ ଶ୍ରେଣୀରେ ପଢ଼ନ୍ତି। ସକାଳ ୧୦ଟାରେ ସାଇକେଲ ଧରି ସ୍କୁଲ ବାହାରିବା ସମୟରେ ପରିବାର ଲୋକ ଖାଇବା ସାଙ୍ଗରେ ନେଇ ଯିବାକୁ କହୁଥିଲେ। ଛାତ୍ରୀ ଜଣଙ୍କ ମାତ୍ରାଧିକ ଔଷକ୍ଷ ସେବନ କରିଥିବା ନେଇ ତାଙ୍କ ଦାଦା ଝିଅ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

# ଧାରଣା ଦେଲେ କାର୍ଯ୍ୟଚ୍ୟୁତ ପାରାମେଡିକାଲ କର୍ମଚାରୀ

■୩୭ ପାରାମେଡିକାଲ କର୍ମଚାରୀଙ୍କୁ କାର୍ଯ୍ୟଚ୍ୟୁତ ଘଟଣା
■ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା

ନବରଙ୍ଗପୁର,୧୨।୨(ସଦାଶିବ ପ୍ରହରାଜ)



କାର୍ଯ୍ୟଚ୍ୟୁତ ପାରାମେଡିକାଲ କର୍ମଚାରୀମାନେ ଧାରଣା ଦେଉଛନ୍ତି।

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କାର୍ଯ୍ୟଚ୍ୟୁତ ହୋଇଥିବା ୩୭ ପାରାମେଡିକାଲ କର୍ମଚାରୀ ବୁଧବାର ପ୍ରତୀକ ଧାରଣା ଦେଇଛନ୍ତି। ସେମାନଙ୍କୁ ପୁନଃ ଅବସ୍ଥାପିତ କରିବାକୁ ଧାରଣାରେ ବସିଥିବା କର୍ମଚାରୀମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେମାନେ କହିଛନ୍ତି।

ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ଆଉଟସୋର୍ସିଂ ସଂସ୍ଥା ଭୁବନେଶ୍ୱରର ଏଲ୍ ଆଣ୍ଡ କେ ମାଧ୍ୟମରେ ୨୦୨୪ରେ ନିଯୁକ୍ତି ପାଇଥିବା ୩୭ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କାର୍ଯ୍ୟଚ୍ୟୁତ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ୨୮ ତାରିଖରେ ଉକ୍ତ ସଂସ୍ଥାକୁ ଚିଠି ନମ୍ବର ୭୯୫ ଅନୁଯାଇ ଜଣାଇଥିଲେ। ସେଥି ମଧ୍ୟରେ ୬ ଜଣ ଫାର୍ମାସିଷ୍ଟ, ୨ ଜଣ ଲାବ୍ ଟେକ୍ନିସିଆନ ଓ ୨୯ ଜଣ ନର୍ସିଂ ଅଫିସର ରହିଛନ୍ତି। ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ଆଉଟ ସୋର୍ସିଂ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପାଇଥିବା ଅନ୍ୟମାନେ ନିୟମିତ କାର୍ଯ୍ୟ କରୁଛନ୍ତି। ନବରଙ୍ଗପୁର ଜିଲାରେ ଡାକ୍ତର, ବିଶେଷଜ୍ଞ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଅଭାବ। ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଉକ୍ତ ସ୍ୱାସ୍ଥ୍ୟକର୍ମୀମାନେ ନବରଙ୍ଗପୁର ସଦର ମହାକୁମା ଡାକ୍ତରଖାନା, ଉମରକୋଟ ସବ୍‌ଡିଭିଜନ ମେଡିକାଲ, ତେନ୍ତୁଲିଖୁଣ୍ଟି, ପାପଡ଼ାହାଣ୍ଡି, ପୂଜାରିଗୁଡ଼ା, ଡାବୁଗାଁ, ନନ୍ଦାହାଣ୍ଡି, ଝରିଗାଁ, ହାଟବରଣ୍ଡି, କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାମକରି ରୋଗୀସେବା ପ୍ରଦାନ କରୁଥିଲେ। ୩୭ ଜଣ କର୍ମଚାରୀଙ୍କୁ ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଏହି ପଦକ୍ଷେପ ନେଇଥିବାରୁ ଏହାକୁ କର୍ମଚାରୀମାନେ ବିରୋଧ କରିଥିଲେ। ଧାରଣାରେ ସୌମ୍ୟ ରଞ୍ଜନ ନାୟକ, ନରେଶ ବେହେରା, ପ୍ରିୟରଞ୍ଜନ ନାୟକ, କିଶୋର ଲାଲ ସାହୁ, ଦୀପ୍ତିମୟୀ ପାଢ଼ୀ, ଚର୍ଚ୍ଚିକା ନାୟକ, ଅପରାଜିତା ସିଲ, ମନୀଷା ସାହୁ ପ୍ରମୁଖ ବସିଥିଲେ। ଜିଲା ବିକାଶ ପରିଷଦ ସଭାପତି ସିରାଜ ଉଦ୍ଦିନ ଅହମ୍ମଦ ମଧ୍ୟ ସେମାନଙ୍କ ଦାବିକୁ ସମର୍ଥନ କରି ଧାରଣାରେ ବସିଥିଲେ।

# ୮ ମାସର ପ୍ରାପ୍ୟ ପାଇନାହାନ୍ତି କୃଷକସାଥୀ



ଅଭିଯୋଗ କରିବାକୁ ଆସିଥିବା କୃଷକସ ରଥୀମାନେ।

ନବରଙ୍ଗପୁର,୧୨।୨(ସଦାଶିବ ପ୍ରହରାଜ)

କୃଷି ବିଭାଗୀୟ କାର୍ଯ୍ୟରେ ତୃଣମୂଳସ୍ତରରେ କାମ କରୁଥିବା କୃଷକ ସାଥୀଙ୍କୁ ୮ ମାସର ପ୍ରାପ୍ୟ ମିଳି ନ ଥିବା ନେଇ ସେମାନେ ଜିଲା ମୁଖ୍ୟକୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୃଷକ ସାଥୀମାନଙ୍କୁ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ପ୍ରତି ମାସରେ ୧୫୦୦ ଟଙ୍କା ଦିଆଯାଉଛି। କିନ୍ତୁ ଗତ ୨୦୨୪ ଜୁନ୍‌ରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୮ ମାସ ଧରି ନବରଙ୍ଗପୁର ଜିଲାର ୧୦ ବ୍ଲକର ୩୬୭ ଜଣ କୃଷକ ସାଥୀଙ୍କୁ ପ୍ରାପ୍ୟ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଯାହା କାର୍ଯ୍ୟ କରିବାକୁ ଦିଆଯାଉଛି ତାହାକୁ ସଫଳତାର ସହ କରିବା ସତ୍ତ୍ୱେ ବିଭାଗ ମାସିକ ପ୍ରାପ୍ୟ ପ୍ରଦାନରେ ଅବହେଳା କରୁଥିବା ମୁଫୁଲ ଚନ୍ଦ୍ର କେନିଆ, ପ୍ରମୋଦ କୁମାର ହରିଜନ, ଅରୁଣ କୁମାର ରଥ, ଭକ୍ତଭଦ୍ରାଙ୍କ ସମେତ କୃଷକ ସାଥୀ ଅଭିଯୋଗ କରିଛନ୍ତି। ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଭେଙ୍କଟ ରମଣା ରାଓଙ୍କୁ ଯୋଗାଯୋଗ କରିବାରୁ କୃଷକ ସାଥୀଙ୍କ ମାସିକ ପ୍ରାପ୍ୟ ଟଙ୍କା ବିଳମ୍ବରେ ପହଞ୍ଚିଛି। ସେମାନଙ୍କୁ ଖୁବ୍ ଶୀଘ୍ର ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ନିଜ ଶିକ୍ଷାକୁ ସମାଜସେବାରେ ଲଗାଇବାକୁ ଆହ୍ୱାନ

ପାପଡ଼ାହାଣ୍ଡି/ନବରଙ୍ଗପୁର,୧୨।୨(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ପ୍ରହରାଜ)

ପାପଡ଼ାହାଣ୍ଡି ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଡିଇଓ ଛତ୍ରପତି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମାଟ୍ରିକ ବୋର୍ଡ ପରୀକ୍ଷାକୁ ସଫଳତାର ସହ ଅତିକ୍ରମ କରିବା ପାଇଁ ଚେଷ୍ଟା କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ନିଜର ଶିକ୍ଷାକୁ ସମାଜ ସେବାରେ ଲଗାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏଡିଇଓ ଡ଼ଃ ରେଶମ ଲାଲ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ, ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ସଭାପତି ନାରାୟଣ ପ୍ରସାଦ ଗୁରୁ, ଏମ୍‌ପି ପ୍ରତିନିଧି ହରିଶ୍ଚନ୍ଦ୍ର ପାଣିଗ୍ରାହୀ, ମୋ ସ୍କୁଲ ସଭାପତି ରାଜକିଶୋର ରାଓ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ କ୍ରୀଡ଼ା ପ୍ରଶିକ୍ଷକ ମନୋରଞ୍ଜନ ପ୍ରହରାଜ ସଂଯୋଜନା କରିଥିଲେ। ଚିନ୍ତାମଣି ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଆକାଶ ଦାଶ୍, ବିନୋଦ ବିହାରୀ ସାହୁ, ସୁରଭି ପୂଜାରୀ, ଜୟ କିଷାନ ସାହୁ ଓ କର୍ମଚାରୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ୬ କ୍ରୀଡ଼ା ପ୍ରଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ନବରଙ୍ଗପୁର,୧୨।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଶହୀଦ ଲକ୍ଷ୍ମଣ ନାୟକ ହାଇସ୍କୁଲରେ ଜିଲାସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଅବସର ଗ୍ରହଣ କରିଥିବା କ୍ରୀଡ଼ା ପ୍ରଶିକ୍ଷକ ରବୀନ୍ଦ୍ରନାଥ ପରିଡ଼ା, ସୁରଥ ଚନ୍ଦ୍ର ମହାନ୍ତି, ରଞ୍ଜନ ଜେନା, ହୀରଣ ପାଣିଗ୍ରାହୀ, ରଶ୍ମିରାଣୀ ପଣ୍ଡା, ହୃଷୀକେଶ ଲେଙ୍କାଙ୍କୁ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟରତ ଶିକ୍ଷକମାନେ ନିଷ୍ଠାର ସହ ଛାତ୍ରୀଛାତ୍ରଙ୍କ ପ୍ରତି ସେମାନଙ୍କ କର୍ତ୍ତବ୍ୟ କରିବାକୁ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକମାନେ ଉପଦେଶ ଦେଇଥିଲେ। ଏଡିଇଓ ରେଶମ ଲାଲ ନାୟକ ମୁଖ୍ୟ ଅତିଥି ଯୋଗଦେଇଥିଲେ। କ୍ରୀଡ଼ାକୁ ଛାଡି ସାମଗ୍ରିକ ଶିକ୍ଷାର ପରିକଳ୍ପନା କରାଯାଇ ପାରେନା। କ୍ରୀଡ଼ାର ଗୁରୁତ୍ୱ ପ୍ରତ୍ୟେକ ସ୍ତରରେ ଯଥେଷ୍ଟ ଅଧିକ। କ୍ରୀଡ଼ା ଶିକ୍ଷକମାନେ ଏହି ଗୁରୁଦାୟିତ୍ୱ ବହନ କରୁଥିବାରୁ ସେମାନଙ୍କୁ ପ୍ରଶଂସା କରିବା ସହ ନିଜର କାର୍ଯ୍ୟକୁ ସୁଚାରୁରୂପେ ତୁଲାଇବା ପାଇଁ ଦକ୍ଷତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ଲେଙ୍କା ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ନିରାମୟ ଜୀବନ କାମନା କରିଥିଲେ। ସଭା କାର୍ଯ୍ୟକୁ ମାନରଞ୍ଜନ ପ୍ରହରାଜ ଓ ବିଭାଶିଷ ଦେ ପରିଚାଳନା କରିଥିଲେ। ଜିଲାର ସମସ୍ତ କ୍ରୀଡ଼ା ପ୍ରଶିକ୍ଷକ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିପୁଣ ଓଡ଼ିଶା ମେଳାରେ ଶୈକ୍ଷିକ ସାମଗ୍ରୀ ପ୍ରଦର୍ଶନ

ଉମରକୋଟ, ୧୨।୨(ସନ୍ତୋଷ ଶତପଥୀ)

ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଭାଲୁଗୁଡ଼ା କ୍ଲଷ୍ଟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଚଢ଼େଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯକ୍ରମର 'ନିପୁଣ ଓଡ଼ିଶା ମେଳା' ଅନୁଷ୍ଠିତ ହୋଇଛି। ଉମରକୋଟ ବ୍ଲକ୍‌ର ୨୦ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷାର୍ଥୀ ଏବଂ ଅଭିଭାବକ ଏହି ମେଳାରେ ଯୋଗ ଦେଇଥିଲେ। ଯେଉଁ ଉପକରଣ ବ୍ୟବହାର କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାଙ୍କୁ ସହଜରେ ମାତୃଭାଷା ଓ ଗଣିତ ଶିକ୍ଷା ଦିଆଯାଇ ପାରିବ ସେ ସବୁକୁ ପ୍ରଦର୍ଶିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ ମୁଖ୍ୟ ଅତିଥି, ଉମରକୋଟ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ ମୁଖ୍ୟ ବକ୍ତା, ପୌରାଧ୍ୟକ୍ଷା ରାଧା ଭତ୍ରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶୀଳା ମାଝୀ ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥିଭାବେ ଅଞ୍ଚଳା ସରପଞ୍ଚ ଅର୍ଜ୍ଜୁନ ଭତ୍ରା, ଜାମୁରୁଣ୍ଡା ସରପଞ୍ଚ ଜଗଦୀଶ ଗଣ୍ଡ, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ରାଉତ ଓ ଭାଲୁଗୁଡ଼ା ସିଆର୍‌ସିସି ଅଜୟ ଛୋଟରାୟ ଉପସ୍ଥିତ ଥିଲେ। ଏବିଇଓ ପୁରୁଷୋତ୍ତମ ମାଝୀ ସଭାପତିତ୍ୱ କରିଥିବାବେଳେ, ସିଆରସିସି ମୋତିରାମ ଗଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଉମରକୋଟ ବ୍ଲକ ଅଧୀନ ୨୦ଟି କ୍ଲଷ୍ଟର ସିଆରସିସିଙ୍କ ସହ ଚଢ଼େଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନେ।

# ବି.କେ. ନୀଲମଜୀଙ୍କୁ ଶ୍ରଦ୍ଧାଞ୍ଜଳି

ନବରଙ୍ଗପୁର,୧୨।୨ (ସଦାଶିବ ପ୍ରହରାଜ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜୋନ୍ ମୁଖ୍ୟ ତଥା ରାଜଯୋଗିନୀ ବି.କେ. ନୀଲମଜୀଙ୍କୁ ସ୍ଥାନୀୟ ଅମୃତ ସରୋବର ଆଶ୍ରମରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମାଉଣ୍ଟ ଆବୁର ରାଜଯୋଗିନୀ ଶାରଦା ଜୀ, ଅହମ୍ମଦାବାଦରୁ କୁଣୀଜୀବୀ, ନବରଙ୍ଗପୁର ଜିଲାପାଳ ଡ.ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରଜାପିତ ଈଶ୍ୱରୀୟ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ସଞ୍ଚାଳିକା ନମିତା ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କପିଳେନ୍ଦ୍ର ସାସ୍ମଙ୍କ ସମେତ ବହୁ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ପରିଚାଳନାରେ ସହଯୋଗ କରିଥିଲେ। ୩ ଦିନ ଧରି ଚାଲିଥିବା ଶ୍ରଦ୍ଧାବାର୍ଷିକୀ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଆଦି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନେକ ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

### ଯାତ୍ରୀ ବିଶ୍ରାମାଗାରରୁ ଅଚିହ୍ନା ମୃତଦେହ ଜବତ

ଚିହ୍ନଟ ପାଇଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଲା ପୋଲିସ

ପଟ୍ଟାଙ୍ଗି,୧୨।୨(ଶରତ କୁମାର ଧଳ)- କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ତଥା ସୁଙ୍କି ଥାନା ଅଧିନସ୍ଥ ତଳଗୋଲୁର ପଞ୍ଚାୟତ ଦଣ୍ଡାଗୁଡା ଗ୍ରାମ ନିକଟରେ ଥିବା ଲକ୍ଷ୍ମୀ ବସ୍ ଯାତ୍ରୀ ବିଶ୍ରାମାଗାରରୁ ଏକ ଅଚିହ୍ନା ମୃତଦେହ ଜବତ କରିଛି ସୁଙ୍କି ପୋଲିସ୍ । ଚିହ୍ନଟ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ସୂଚନା ମୁତାବକ, ଉକ୍ତ ଥାନା ଅଧିକାରୀ ତଥା ଏସ୍‌ଆଇ କେ ସାଙ୍ଗାନାଙ୍କ ସୂଚନା କ୍ରମେ ଜଣେ ବୃଦ୍ଧ ଗତ କିଛି ଦିନ ହେଲା ତଳଗୋଲୁର ପଞ୍ଚାୟତରେ ବୁଲି ବୁଲି ରହୁଥିବା ବେଳେ କିଏ କେମିତି ଖାଇବାକୁ ଦେଲେ ଖାଇ ରହୁଥିଲେ। କିନ୍ତୁ ମଙ୍ଗଳବାର ଦିନଠାରୁ ଉକ୍ତ ଯାତ୍ରୀ ବିଶ୍ରାମାଗାରରେ ଶୋଇ ରହିଥିବା ଗ୍ରାମବାସୀ ଦେଖିଥିବା କହିଥିଲେ। ବୁଧବାର ବିଶ୍ରାମାଗାରରେ ବୃଦ୍ଧ ଜଣକ ଉଠି ବୁଲାବୁଲି କରିଥିବା ବେଳେ ଅପରାହ୍ନରେ ଶୋଇ ରହିଥିଲେ। ଗ୍ରାମବାସୀ ପହଞ୍ଚି ବୃଦ୍ଧ ଜଣଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଉଠିନଥିଲେ। ଶେଷରେ ଗ୍ରାମବାସୀ ପୋଲିସ୍‌କୁ ଖବର ଦେଇଥିଲେ। ଏସ୍‌ଆଇ କେ ସାଙ୍ଗାନାଙ୍କ ସହ ଅନ୍ୟ କର୍ମଚାରୀ ପହଞ୍ଚି ବୃଦ୍ଧଙ୍କୁ ଉଠାଇଥିଲେ ମଧ୍ୟ ଉଠି ନ ଥିବା ବେଳେ ଘଟଣାସ୍ଥଳରୁ ତାଙ୍କୁ ସୁଙ୍କି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ଏକ ଅପମୃତ୍ୟୁ ମାମଲା ନଂ.୩/୨୫ ରଜୁକରି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମେଡ଼ିକାଲ କଲେଜକୁ ପଠାଇଥିଲା ।

# ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଦଶମନ୍ତପୁର, ୧୨।୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ପଞ୍ଚାୟତ ଅଧୀନରେ ଥିବା ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଖୋସ୍‌ଲାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ମିଳନ କୁମାର ଝାଙ୍କର ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଇଓ ଦୟାସିନ୍ଧୁ ବାଘ, ସ୍ଥାନୀୟ ସିଆର୍‌ସିସି ମଧୁସୂଦନ ପାତ୍ର, ବରିଷ୍ଠ ଶିକ୍ଷକ ବଶିଷ୍ଠ ନାୟକ, ରଶ୍ମି ମାଣ୍ଡି, ସୂର୍ଯ୍ୟ ନାରାୟଣ ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍ଥାନୀୟ ତ୍ରିନାଥ ମନ୍ଦିରରୁ କ୍ରୀଡ଼ା ମଶାଲ ଅଣାଯାଇଥିଲା। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବିଭାଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ ଓ ୨୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ଦୌଡ଼ି ଡିଆଁ, କ୍ୟାରମ, ଅଖା ଦୌଡ଼ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଅଭାବ ଯୋଗୁ ଲୁଲ୍ଲା ଏବଂ ଟିକାମ୍ବ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକମାନେ ଆସି ଏଥିରେ ସହଯୋଗ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଖୋସ୍‌ଲା ପ୍ରକାଶ କରିଛନ୍ତି।



ଦୌଡ଼ ପ୍ରତିଯାଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

# ପୁଷପାଲ୍ଲୀ ଅଙ୍ଗନୱାଡି କୋଠା ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

କୋରୁକୋଣ୍ଡା,୧୨।୨(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ପୁଷପାଲ୍ଲୀ ଓ ରଗେଇ ପୁଷପାଲ୍ଲୀ ଗ୍ରାମରେ ଦୁଇଟି ନୂତନ ଅଙ୍ଗନୱାଡି ଗୃହ କୋଠା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପ୍ରତ୍ୟେକ ଗୃହ ନିର୍ମାଣ ନିମନ୍ତେ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଛି। ଉକ୍ତ ଦୁଇଟି କାର୍ଯ୍ୟରେ ବହୁ ଅନ୍ତର ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟ ତଦାରଖ କରୁଥିବା ବ୍ଲକ କନିଷ୍ଠଯନ୍ତ୍ରୀ ଦୁର୍ଗାପ୍ରସାଦ ରାଓଙ୍କ ନିକଟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କର୍ଣ୍ଣପାତ କରୁନହାନ୍ତି।

ରଗେଇ ପୁଷପାଲ୍ଲୀରେ ନିର୍ମାଣ ହେଉଥିବା କୋଠାର ପ୍ରତେକ ପିଲରଗୁଡିକରେ ୧୨ ଏମ୍‌ଏମ୍‌ର ୬ଟି ଲେଖାଏ ଛଡ଼ ଦିଆଯାଉଥିବାବେଳେ ସରକାରୀ ସ୍ୱୀକୃତିପ୍ରାପ୍ତ ସିମେଣ୍ଟ ଇଟା ବ୍ୟବହାର ହେଉଛି। କିନ୍ତୁ ପୁଷପାଲ୍ଲୀ ଗ୍ରାମରେ ହେଉଥିବା କୋଠାର ପ୍ରତ୍ୟେକ ପିଲରଗୁଡିକରେ ୧୨ ଏମ୍‌ଏମର କେବଳ ୪ ଟି ଲେଖାଏ ଛଡ ଦେବା ସହିତ ସ୍ଥାନୀୟ ଶ୍ରମିକଙ୍କ ଦ୍ୱାରା ପଥର ବାଲି ସିମେଣ୍ଟ ମିଶାଇ ଉକ୍ତ ସ୍ଥାନରେ ତିଆରି କରାଯାଇଥିବା ଇଟା ବ୍ୟବହାର କରାଯାଉଛି। ଏହା ଦେଖିବା ପରେ ଗ୍ରାମବାସୀଙ୍କ ସମେତ ନାଏବ ସରପଞ୍ଚ ଏହାକୁ ବିରୋଧକରି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରସାଦ ରାଓଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିଥିଲେ। ଘର କାନ୍ଥ ଯୋଡ଼େଇ କାର୍ଯ୍ୟ ଅଧା ହୋଇ ସାରିଥିବା ବେଳେ ଅଞ୍ଚଳବାସୀଙ୍କ ଅଭିଯୋଗ କ୍ରମେ ସେମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଅର୍ଦ୍ଧ ନିର୍ମିତ ପ୍ରାୟ ୬ଫୁଟ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇଥିବା କୋଠା ପିଲରଗୁଡିକରେ ଆଉ ଦୁଇ ଦୁଇ ଖଣ୍ଡିଆ ଛଡ ବାନ୍ଧି କଂକ୍ରିଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ହାତ ତିଆରି ନିମ୍ନମାନର ସିମେଣ୍ଟ ଇଟାରେ କାର୍ଯ୍ୟ ଜାରି ରଖିଥିଲେ। ଏନେଇ ସେଠାରେ ଥିବା ଗ୍ରାମବାସୀଙ୍କ ସମେତ ନାଏବ ସରପଞ୍ଚ ପଦଲାମଙ୍କୁ ପଚାରିବାରୁ ଆମ ପଞ୍ଚାୟତର ଦୁଇଟି ଗ୍ରାମରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଥିବା ବେଳେ ବିଭାଗ ପକ୍ଷରୁ ସମାନ ଏଷ୍ଟିମେଟ କରାଯାଇଛି। ହେଲେ ରଗେଇ ପୁଷପାଲ୍ଲୀରେ ନିର୍ମାଣ ହେଉଥିବା କାର୍ଯ୍ୟରେ ୬ଟି ଲେଖାଏ ଛଡ ଦିଆଯାଉଥିବାବେଳେ ଏଠାରେ କାହିଁକି ୪ଟି ଲେଖାଏ ଦିଆଯାଉଛି ବୋଲି କନିଷ୍ଠଯନ୍ତ୍ରୀଙ୍କୁ କହିଥିଲେ। ପୁଷପାଲ୍ଲୀରେ ନିର୍ମିତ ଗୃହରେ ସରକାରୀ ସ୍ୱୀକୃତିପ୍ରାପ୍ତ ଇଟା ବଦଳରେ କାହିଁକି ସ୍ଥାନୀୟ ଶ୍ରମିକଙ୍କ ଦ୍ୱାରା ହେଉଥିବା ଇଟା ବ୍ୟବହାର କରାଯାଉଛି ବୋଲି ପ୍ରଶ୍ନ କହିଥିଲେ। ଏନେଇ କନିଷ୍ଠ ଯନ୍ତ୍ରୀ ରାଓଙ୍କୁ ପଚାରିବାରୁ ଦୁଇଟି ଯାକ ଗୃହ ନିର୍ମାଣ କାର୍ଯ୍ୟ ଠିକ୍ ଚାଲିଛି। ଯଦି ପୁଷପାଲ୍ଲୀ କାର୍ଯ୍ୟରେ ସବୁ ଠିକ ଠାକ ଚାଲିଥିଲା ତେବେ କନିଷ୍ଠଯନ୍ତ୍ରୀ କାହିଁକି ପୁନର୍ବାର ପିଲର ଗୁଡିକରେ ଆଉ ଦୁଇଟି ଲେଖାଏ ଛଡ଼ ଯୋଡିବାକୁ କହିଲେ। ଗୃହର ଅଧା ପିଲର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅଧାରୁ ଉକ୍ତ ପିଲରରେ ଆଉ ଦୁଇଟି ଲେଖାଏ ଛଡ଼ ଯୋଡ଼ିଲେ ତାହା କେଉଁ କାମରେ ଆସିବ ବୋଲି ନାଏବ ସରପଞ୍ଚ ପଦ୍ମନାଭ ମାଡାକାମୀ କନିଷ୍ଠଯନ୍ତ୍ରୀଙ୍କୁ ପଚାରିଥିଲେ। ଏଥିସହ ନିମ୍ନମାନର ଇଟା କାହିଁକି ବ୍ୟବହାର କରୁଛନ୍ତି ବୋଲି ପ୍ରଶ୍ନ କରିବାରୁ କନିଷ୍ଠ ଯନ୍ତ୍ରୀ କହିଥିଲେ, ଏହି ଇଟା ସରକାରୀ ସ୍ୱୀକୃତିପ୍ରାପ୍ତ ନ ହୋଇଥିଲେ ମଧ୍ୟ ଏଥିରେ କାର୍ଯ୍ୟ କରିହେବ। ଏନେଇ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରାଓଙ୍କୁ ପଚାରିବାରୁ ଉକ୍ତ କୋଠାର ପ୍ରତ୍ୟେକ ପିଲରଗୁଡିକରେ ୪ ଟି ଲେଖାଏ ଛଡ ଦିଆଯିବା କଥା କିନ୍ତୁ ଗ୍ରାମବାସୀ ଅଭିଯୋଗ କରିବାରୁ ଆଧା କାମ ସାରିଥିଲେ ମଧ୍ୟ ପୁଣି ପୁଣି ଆଉ ୨ଟି ଲେଖାଏ ଛଡ଼ ଦେବାକୁ କହିଲି । ପୁଷପାଲ୍ଲୀ କାର୍ଯ୍ୟ ନିମ୍ନମାନ ସମ୍ପର୍କରେ କୋରୁକୋଣ୍ଡା କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ମୁଁ କାର୍ଯ୍ୟସ୍ଥଳକୁ ଯାଇନାହିଁ । ହେଲେ ସେହି କୋଠାର ପିଲରଗୁଡିକରେ ୪ ଟି ଲେଖାଏ ଛଡ଼ ଦିଆଯିବା କଥା ଏବଂ ସ୍ଥାନୀୟ ଶ୍ରମିକଙ୍କ ଦ୍ୱାରା ନିର୍ମିତ ସିମେଣ୍ଟ ଇଟାର ମାନ ଯଦି ଠିକ୍ ଥାଏ ତେବେ କୋଠାରେ ବ୍ୟବହାର କରାଯାଇପାରିବ।

ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ଅମୂଲ୍ୟ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ।



କୋଠା ନିର୍ମାଣ କାର୍ଯ୍ୟ କରାଯାଉଛି।

